**ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି**

**ଜିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା**

**ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର ,**

**(ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ)**

**ଭବାନୀପାଟଣା**

---

**ପତ୍ର ସଂ - ୨୩** **ସପ୍ତାହ- ୨୧** **ତାରିଖ- ୨୨.୦୫.୨୦୧୮**

## ପାଣିପାଗ ଭିତିକ କୃଷି ଉପଦେଶ - କଳାହାଣ୍ଡି ଜିଲ୍ଲା ନିମନ୍ତେ

**ପାଣିପାଗ ପୂର୍ବାନୁମାନ - ୨୩.୦୫.୨୦୧୮ ରୁ ୨୭.୦୫.୨୦୧୮ ପର୍ଯ୍ୟନ୍ତ:**

ଆସନ୍ତା ୨୩.୦୫.୨୦୧୮ ରୁ ୨୫.୦୫.୨୦୧୮ ମଧ୍ୟରେ କଳାହାଣ୍ଡି ଜିଲ୍ଲା ର କେତେକ ସ୍ଥାନ ରେ ମାଧ୍ୟମ ରୁ ସ୍ୱଳ୍ପ ମାତ୍ର ରେ ବର୍ଷ ହେବା ସମ୍ଭାବନା ଥିବା ସମୟରେ ୨୬.୦୫.୨୦୧୮ ରୁ ୨୭.୦୫.୨୦୧୮ ମଧ୍ୟରେ ପାଗ ଶୁଖିଲା ରହିବା ସମ୍ଭାବନା ଅଛି. ଏହି ସମୟ ରେ ଆକାଶ ଅଙ୍ଗଶିକା ରୁ ମୁଖ୍ୟତ ମେଘୁଆ ରହିବା ସମ୍ଭାବନା ଅଛି. ପବନ ଦକ୍ଷିଣ-ପୂର୍ବ ଦିଗରୁ ଘଣ୍ଟା ପ୍ରତି ୦୦୩-୦୦୭ କି.ମି. ବେଗ ରେ ବୋହିବା ସମ୍ଭାବନା ଅଛି. ଏହି ସମୟ ରେ ଦିନ ର ସର୍ବାଧିକ ତାପମାତ୍ରା ୩୫-୩୮ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୨-୨୪ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୭୫-୭୯ % ଓ ୨୫-୩୧ % ରହିବା ସମ୍ଭାବନା ଅଛି.

**ପାଣିପାଗ ଭିତିକ କୃଷି ଉପଦେଶ:**

**ଡ଼ାଲୁଅ ଧାନ:**

- ଡ଼ାଲୁଅ ଧାନ ମୁଖ୍ୟ ଜମି ରେ ମଞ୍ଜି ପାକଳ ରୁ ଅମଳ ହେବା (୧୪-୧୬ ସପ୍ତାହ) ଅବସ୍ଥା ରେ ଅଛି. ମଞ୍ଜି ପାକଳ ହେବ ସମୟ ରେ ଜମି ରୁ ପାଣି କାଟି ବାହାର କରି ଦିଅନ୍ତୁ
- ଆସନ୍ତା ୨୫.୦୫.୨୦୧୮ ମଧ୍ୟରେ ବର୍ଷ ହେବା ସମ୍ଭବାନା ଥିବାରୁ ପାକଳ ଧାନ ଅମଳ କରନ୍ତୁ ନାହିଁ. ଅମଳ ହୋଇଥିବା ଫସଲ କୁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ.

**ଆଖୁ :**

- ଲଗା ଯାଇଥିବା ଆଖୁ ବର୍ତମାନ ଅଂଗୀୟ ବୃଦ୍ଧି (୧୧-୧୪ ସପ୍ତାହ )ଅବସ୍ଥା ରେ ଅଛି. ଏହିସମୟରେ ୧୦ ଦିନ ଅନ୍ତର ରେ ଜଳସେଚନ କରନ୍ତୁ. ବର୍ଷା କୁ ଦେଖି ଜଳସେଚନ ଯୋଜନା କରନ୍ତୁ.

**ମାଛ –**

- ପୋଖରୀ ପାଣି ର ଗଭୀରତା ୩ଫୁଟ ରୁ କାମ ଓ ତାପମାତ୍ରା ୩୦ ଡ଼ିଗ୍ରୀ ସେ. ରୁ ଅଧିକ ହୋଇଗଲେ ପୋଖରୀ ରୁ ମାଛ ଧରି ନିଅନ୍ତୁ.

**ପ୍ରାଣୀ ସମ୍ପଦ-**

- ଦିନ ର ତାପମାତ୍ରା ୩୫-୩୮ ଡ଼ିଗ୍ରୀ ସେ. ମଧ୍ୟରେ ରହିବ ସମ୍ଭାବନା ଥିବାରୁ ଗାଇଗରୁ , ଛେଳି, ମେଣ୍ଢା ଇତିଆଡ଼ି ଗୃହପାଳିତ ପଶୁ ମାନଙ୍କୁ ଦିନ ୧୧ ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରକୁ ଛାଡ଼ନ୍ତୁ ନାହିଁ ଏବଂ ଛାଇ ରେ ରଖନ୍ତୁ ଓ ପି ବା ପାଇଁ ଥଣ୍ଡା ପାଣି, ତୋରାଣି ଦିଅନ୍ତୁ.
- ଗରମ ପବନ ରୁ କୁକୁଡ଼ା ମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ା ପାଳନ ଘର କାନ୍ଥ ରେ ଅଖା ବସ୍ତା ଟାଙ୍ଗି ଦିନ ରେ ୩-୪ ଥର ପାଣି ଛିଞ୍ଚନ୍ତୁ.

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଓ ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**